■ ଆନ୍ତଃ ଇଞ୍ଜିନିୟରିଂ କଲେଜ ଟୁର୍ଣ୍ଣାମେଣ୍ଟ

# ଆଇଟିଇଆର ଚାମ୍ପିୟନ

ଭୁବନେଶ୍ୱର,୧୦।୨ (ସ୍ପୋର୍ଟସ ବ୍ୟୁରୋ)– ଅଲ ଓଡିଶା ଇଞ୍ଜିନିୟରିଂ କପରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟ ସିଇଟି ଇଞ୍ଜିନିୟରିଂ କଲେଜ ଦ୍ୱାରା ଆୟୋଜିତ କ୍ରିକେଟ ଓ ଭଲିବଲ ଟୁର୍ଣ୍ଣାମେଣ୍ଟରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ଆଇଟିଇଆର) କ୍ରିକେଟରେ ଚାମ୍ପିୟନ ଓ ଭଲିବଲରେ ରନର୍ସ ଅପ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୯ଟି ଦଳ ଅଂଶ ଗ୍ରହଣ କରିଥିଲେ । କ୍ରିକେଟ ଫାଇନାଲରେ ଅଲରାଉଣ୍ଡର ସୌମ୍ୟ ରଥ ଉତ୍ତମ ପ୍ରଦର୍ଶନ ସହାୟତାରେ ଏନଏମଆଇଟିକୁ ୪ ଉଇକେଟରେ ପରାସ୍ତ କରି ଆଇଟିଇଆର ଚାମ୍ପିୟନ ହୋଇଥିଲା । ସେହିପରି ଭଲିବଲ ଫାଇନାଲରେ ଗୀତା ନିକଟରୁ ପରାଜୟବରଣ କରି ଆଇଟିଇଆର ରନର୍ସ ଅପରେ ସନ୍ତୁଷ୍ଟ ହୋଇଥିଲା ।